# NATIONAL NEWS BULLETIN (ODIA)

## 18 July - 2024

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ନିଟ୍ ୟୁ.ଜି. ୨୦୨୪ ପରୀକ୍ଷା ଫଳ ଆସନ୍ତା ଶନିବାର ମଧ୍ୟାହ୍ନ ସୁଦ୍ଧା ୱେବ୍‌ସାଇଟ୍‌ରେ ପ୍ରକାଶ କରିବାକୁ ଏନ୍.ଟି.ଏ.କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ।
- ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋର ସପ୍ତମ ଶିଖର ବୈଠକ ଅନୁଷ୍ଠିତ ।
- ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରର ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍‌କୁ ସ୍ଥାନାନ୍ତର ।
- ବାଂଲାଦେଶ ସଂରକ୍ଷଣ ବିରୋଧ ଆନ୍ଦୋଳନରେ ଆଉ ୪ ଜଣଙ୍କର ମୃତ୍ୟୁ ।

ଏବଂ

- ଏସିଆକପ୍ ମହିଳା ଟି-ଟ୍ୱେଣ୍ଟି ପ୍ରତିଯୋଗିତା ଶ୍ରୀଲଙ୍କାରେ ଆସନ୍ତାକାଲି ଠାରୁ ହେବ ଆରମ୍ଭ ।

## ଏସ୍‌ସି-ନିଟ୍

ସୁପ୍ରିମ୍‌କୋର୍ଟ ଆଜି ଜାତୀୟ ପରୀକ୍ଷଣ ସଂସ୍ଥା – ଏନ୍.ଟି.ଏ.କୁ ୨୦୨୪ ନିଟ୍ ୟୁ.ଜି. ପରୀକ୍ଷା ଫଳ ଆସନ୍ତା ଶନିବାର ଦିନ ୧୨ଟା ସୁଦ୍ଧା ୱେବ୍‌ସାଇଟ୍‌ରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ବିଚାରପତି ଜେ.ବି. ପାରଦିୱାଲା ଓ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ସହର ଓ ପରୀକ୍ଷା କେନ୍ଦ୍ର ଅନୁଯାୟୀ ପରୀକ୍ଷାଫଳ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୁପ୍ରିମ୍‌କୋର୍ଟରେ ମେଡିକାଲ୍ ପ୍ରବେଶିକା ପରୀକ୍ଷା ସମ୍ବନ୍ଧିତ ଦାଖଲ ହୋଇଥିବା ୪୦ଟି ଆବେଦନର ଏକତ୍ର ଶୁଣାଣି ଆସନ୍ତା ସୋମବାର ସକାଳୁ ପୁଣି ଆରମ୍ଭ ହେବ । ପୂର୍ବରୁ ଏହି ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ପରୀକ୍ଷାରେ ଅନିୟମିତତା ହୋଇଥିବା ସ୍ୱଷ୍ଟ କରିଥିଲେ । ତେବେ ଏହି ପରୀକ୍ଷାର ବ୍ୟାପକତା ଓ ୨୩ ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହାକୁ ବାତିଲ କରିବା ନିଷ୍ପତ୍ତି ଏକ ଚରମ ପଦକ୍ଷେପ ହେବ ବୋଲି କହିଥିଲେ ।

## ନିଟ୍-ସିବିଆଇ

ନିଟ୍ ୟୁ.ଜି. ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ – ସିବିଆଇ ଆଜି ପାଟନା ଏମସ୍‌ର ୪ ଜଣ ଛାତ୍ରଙ୍କୁ ହେପାଜତକୁ

ନେଇଛି । ପାଟନା ଏମସ୍‌ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡକ୍ଟର ଜି.କେ. ପାଲ୍ କହିଛନ୍ତି, ଦ୍ୱିତୀୟ ଏବଂ ତୃତୀୟ ବର୍ଷ ଏମ୍.ବି.ବି.ଏସ୍. ପାଠ୍ୟକ୍ରମରେ ଏହି ଛାତ୍ରମାନେ ପଢୁଥିଲେ । ସେମାନଙ୍କୁ ହେପାଜତକୁ ନେଇ ପଚରାଉଚରା କରିବା ପୂର୍ବରୁ ସିବିଆଇ ଏମସ୍‌କୁ ଆଗୁଆ ସୂଚନା ଦେଇଥିଲା । ତଦନ୍ତ ସମୟରେ ଏମସ୍ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଇଥିଲା ବୋଲି ଡକ୍ଟର ପାଲ୍ କହିଛନ୍ତି ।

## ଶାହା -ନାର୍କୋଟିକ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋର ସପ୍ତମ ଶିଖର ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ୨୦୨୩ର ନିଶାଦ୍ରବ୍ୟ ନିୟନ୍ତ୍ରଣ ସଂପର୍କିତ ବାର୍ଷିକ ରିପୋର୍ଟ ଉନ୍ମୋଚନ କରିବା ସହ ନିଶାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ କରିଛନ୍ତି ।

ଏହି ବୈଠକର ଉଦ୍ଦେଶ୍ୟ ହେଉଛି ବିଭିନ୍ନ କେନ୍ଦ୍ରୀୟ ଏବଂ ରାଜ୍ୟସ୍ତରୀୟ ସଂସ୍ଥାଗୁଡ଼ିକ ମଧ୍ୟରେ ସହଭାଗିତାକୁ ଅଧିକ ଦୃଢ଼ କରିବା । ଏହାଦ୍ୱାରା ଦେଶରେ ନିଶାଦ୍ରବ୍ୟ କାରବାର ରୋକିବା ଲାଗି ସମନ୍ୱୟ ଭିତ୍ତିକ ପଦକ୍ଷେପ ଗ୍ରହଣ କରାଯାଇ ପାରିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏ ଦିଗରେ ଏକ ତିନିସୂତ୍ରୀ ଯୋଜନା ପ୍ରସ୍ତୁତି କରୁଛି । ଏଥିରେ ଲୋକମାନଙ୍କୁ

ସଚେତନ କରାଇବା, ବିଭିନ୍ନ ନିଶାଦ୍ରବ୍ୟ ନିୟନ୍ତ୍ରଣକାରୀ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବା ଓ ବିଭିନ୍ନ ପ୍ରତିଷ୍ଠାନ ଗୁଡ଼ିକ ମଧ୍ୟରେ ଭାଗିଦାରୀ ସୁଯୋଗ ସୃଷ୍ଟି କରିବା । ୨୦୪୭ ସୁଦ୍ଧା ଦେଶକୁ ନିଶାମୁକ୍ତ କରିବା ପାଇଁ ସବୁମତେ ଉଦ୍ୟମ କରାଯାଉଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୂଚନା ଦେଇଛି ।

## ରତ୍ନଭଣ୍ଡାର

ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଆଜି ପୁଣିଥରେ ଖୋଲାଯାଇଛି। ରତ୍ନଭଣ୍ଡାର ତଦାରଖ କମିଟିର ସଦସ୍ୟମାନେ ଅମୃତବେଳା ସକାଳ ୯ଟା ୫୧ ମିନିଟ୍‌ରେ ରତ୍ନଭଣ୍ଡାର ଭିତରକୁ ପ୍ରବେଶ କରିଥିଲେ। ଏ ସମ୍ପର୍କରେ ସୂଚନା ଦେଇ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି, ପ୍ରାୟ ସାଢ଼େ ୭ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ରତ୍ନଭଣ୍ଡାର ମଧ୍ୟରୁ ସମସ୍ତ ଅଳଙ୍କାରକୁ ଖଟସେଜ ଘରେ ନିର୍ମିତ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଛି। ଏଏସ୍‌ଆଇର ସ୍ୱତନ୍ତ୍ର ବୈଷୟିକ ଟିମ୍ ରତ୍ନଭଣ୍ଡାର ଯାଞ୍ଚ କରିବାର କାର୍ଯ୍ୟସୂଚୀ ରହିଛି। ଏଏସ୍‌ଆଇର ଅନୁଧ୍ୟାନ ଶେଷ ହେବାପରେ ଭିତର ରତ୍ନଭଣ୍ଡାର ମରାମତି ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହଦେବ ଭିତର ରତ୍ନଭଣ୍ଡାର ଖୋଲାଯିବା କାର୍ଯ୍ୟର ଅନୁଧ୍ୟାନ କରିଥିଲେ । ଏ.ଏସ୍.ଆଇ.ର ଯାଞ୍ଚ୍ ପରେ

ଭିତର ରତ୍ନ ଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ ନେଇ ସ୍ୱଷ୍ଟ ସୂଚନା ମିଳିବ ବୋଲି ସେ କହିଛନ୍ତି ।

ସୂଚନା ଅନୁସାରେ, ଗତ ୧୪ ତାରିଖରେ ବାହାର ଓ ଭିତର ରତ୍ନଭଣ୍ଡାର ଖୋଲାଯାଇଥିଲା । ସେହିଦିନ ବାହାର ରତ୍ନଭଣ୍ଡାରର ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗରୁମକୁ ସ୍ଥାନାନ୍ତର କରାଯାଇଥିବାବେଳେ ଆଜି ଭିତର ରତ୍ନଭଣ୍ଡାର ଅଳଙ୍କାର ସ୍ଥାନାନ୍ତର କରାଯାଇଛି ।

## ଅଧରପଣା

ଶ୍ରୀକ୍ଷେତ୍ରରେ ଆଜି ଦ୍ୱାଦଶୀ ତିଥିରେ ରଥାରୁଢ଼ ଠାକୁରଙ୍କ ଅଧରପଣା ଲାଗି ହେବ । ମଧ୍ୟାହ୍ନ ଧୂପନୀତି ଶେଷ ହେବା ପରେ ଶ୍ରୀଜୀଉଙ୍କ ଅଧର ଉଚ୍ଚ ହାଣ୍ଡିରେ ରଥ ଉପରେ ଏହି ସ୍ୱତନ୍ତ୍ର ପଣାଭୋଗ କରାଯିବା ସହ ଏହାକୁ ଭଙ୍ଗାଯିବାର ବିଧି ରହିଛି । ତିନିଠାକୁରଙ୍କ ଠାରେ ୯ଟି ମାଟି ହାଣ୍ଡିରେ ଅଧରପଣା ଲାଗି ହେବ । ଭୋଗ ପରେ ହାଣ୍ଡିକୁ ଭାଙ୍ଗି ଚଣ୍ଡିଚାମୁଣ୍ଡା, ଅଶରୀରିଙ୍କ ଉଦ୍ଦେଶ୍ୟରେ ଏହି ପଣାକୁ ଉତ୍ସର୍ଗ କରାଯିବାର ବିଧି ରହିଛି । ଏହି ନୀତିକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଚତୁର୍ଦ୍ଧାମୂର୍ତ୍ତି ଆସନ୍ତାକାଲି ଶ୍ରୀମନ୍ଦିରକୁ ଗୋଟି ପହଣ୍ଡିରେ ବିଜେ କରିବେ ।

# ପ୍ରେଜ୍-ବୁକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣକୁ ନେଇ ପ୍ରକାଶିତ ଏକ ସଂକଳନ 'ୱିଂଗସ୍ ଟୁ ଆୱାର୍ ହୋପ୍ସ'ର ପ୍ରଥମ ଭାଗ ଆଜି ରାଷ୍ଟ୍ରପତି ଭବନରେ ଉନ୍ମୋଚନ ହୋଇଛି । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ, ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ଙ୍କ ଉପସ୍ଥିତିରେ ଏହି ପୁସ୍ତକର ଇଂରାଜୀ ଓ ହିନ୍ଦୀ ସଂକଳନ ସହିତ ଏହାର ଇଲେକ୍ଟ୍ରୋନିକ୍ ସଂକଳନକୁ ଉନ୍ମୋଚନ କରିଛନ୍ତି ।

ଏହି ଅବସରରେ 'କାହାଣୀ ରାଷ୍ଟ୍ରପତି ଭବନ୍ କି' ଓ ରାଷ୍ଟ୍ରପତି ଭବନ – 'ହେରିଟେଜ୍ ମିଟ୍ସ ଦି ପ୍ରେଜେଣ୍ଟ' ପୁସ୍ତକର ମଧ୍ୟ ଉନ୍ମୋଚନ କରାଯାଇଛି । ପୁସ୍ତକ ଉନ୍ମୋଚନ କରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ୍ ରାଷ୍ଟ୍ରପତି ମୁର୍ମୁଙ୍କର ଜୀବନଯାତ୍ରା ସମ୍ପର୍କରେ ଉଲ୍ଲେଖ କରିଥିଲେ । ସମାଜର ବିକାଶ ବିଶେଷ କରି ଦଳିତ ଲୋକମାନଙ୍କର ଉତ୍ଥାନ ପାଇଁ ତାଙ୍କର କାର୍ଯ୍ୟ ସଂପର୍କରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ ଉଲ୍ଲେଖ କରିଥିଲେ ।

## ୟୁପି-ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର ଗୋଣ୍ଡା ଜିଲ୍ଲାରେ ଆଜି ଅପରାହ୍ଣରେ ଏକ ରେଳ ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ହେବା ସହିତ ୨୦ ଜଣରୁ ଅଧିକ ଆହତ ହୋଇଛନ୍ତି । ଗୋଣ୍ଡା-ଗୋରଖପୁର ରୁଟ୍‌ରେ ମାନକପୁର ଷ୍ଟେସନ୍ ନିକଟରେ ଚଣ୍ଡିଗଡ଼-ଦିବ୍ରୁଗଡ଼ ଏକ୍ସପ୍ରେସ୍‌ର ୬ଟି ଡବା ଲାଇନ୍‌ଚ୍ୟୁତ ହୋଇଥିଲା । ରେଳବାଇର ବରିଷ୍ଠ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଛନ୍ତି । ଏନ୍.ଡି.ଆର୍.ଏଫ୍. ଓ ଏସ୍.ଡି.ଆର୍.ଏଫ୍. ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏହି ଦୁର୍ଘଟଣା ପରେ ଲକ୍ଷ୍ନୌରୁ ଗୌହାଟୀ ମଧ୍ୟରେ ରେଳ ଚଳାଚଳ ବ୍ୟାହତ ହୋଇଛି । ଏହି ରୁଟ୍‌ରେ ଅଧିକାଂଶ ଟ୍ରେନ୍‌କୁ ବାତିଲ କରାଯାଇଛି ଓ କେତେକ ଟ୍ରେନ୍‌ର ଗତିପଥରେ ପରିବର୍ତ୍ତନ କରାଯାଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉଦ୍ଧାର ଓ ଥଇଥାନ କାର୍ଯ୍ୟକୁ ଜୋର୍‌ଦାର କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଭାଓଲେନ୍ସ-ବାଂଲାଦେଶ

ବାଂଲାଦେଶରେ ଆଜି ବିଭିନ୍ନ ସ୍ଥାନରେ ସଂରକ୍ଷଣକୁ ନେଇ ଆନ୍ଦୋଳନକାରୀ ଏବଂ ପୁଲିସ୍‌ଙ୍କ ମଧ୍ୟରେ ସଂଘର୍ଷ ଘଟିବାରୁ ୪ ଜଣଙ୍କ ମୃତ୍ୟୁ ହେବା ସହ ଶତାଧିକ ଆହତ ହୋଇଛନ୍ତି । ବିକ୍ଷୋଭକାରୀ

ସେମାନଙ୍କର ଦାବି ପୂରଣ ପାଇଁ ସମ୍ପୂର୍ଣ୍ଣ ବନ୍ଦ ଡାକରା ଦେବା ସହ ପ୍ରମୁଖ ଜାତୀୟ ରାଜପଥ ଏବଂ ରେଳ ଚଳାଚଳକୁ ଅବରୋଧ କରିଥିଲେ । ଏପରିକି ଢାକାରେ ମେଟ୍ରୋ ଚଳାଚଳକୁ ମଧ୍ୟ ବନ୍ଦ କରିବାକୁ ଡାକରା ଦେଇଥିଲେ । ଅନ୍ୟ ପକ୍ଷରେ ବାଂଲାଦେଶର ଆଇନ୍, ନ୍ୟାୟ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଅନିସୁଲ ହକ୍  କହିଛନ୍ତି, ସଂରକ୍ଷଣ ନେଇ ସରକାରଙ୍କ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହେବ ନାହିଁ ଏବଂ ସମ୍ପୂର୍ଣ୍ଣ ନୀତିନିୟମ ଆଧାରରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏଥିପାଇଁ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି । ଆଇନ୍ ଶୃଙ୍ଖଳା ବଜାୟ ରଖିବା ପାଇଁ ସମଗ୍ର ଦେଶରେ ପୁଲିସ୍ ସମେତ ୨୨୯ ପ୍ଲାଟୁନ୍ ସୀମା ସୁରକ୍ଷା ବାହିନୀ ମୁତୟନ କରାଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଂଲାଦେଶରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ସେଠାରେ ବସବାସ କରୁଥିବା ଭାରତୀୟଙ୍କ ପାଇଁ ଏକ ସୁରକ୍ଷା ମାର୍ଗଦର୍ଶିକା ଜାରି କରିଛନ୍ତି । ଘରୁ ନ ବାହାରିବା ଏବଂ ଗମନାଗମନ ପାଇଁ ସାଧାରଣ ଯାନବାହନ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି । ଇତିମଧ୍ୟରେ ଜାତିସଂଘ  ମଧ୍ୟ ଛାତ୍ରଛାତ୍ରୀଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ବାଂଲାଦେଶ ସରକାରଙ୍କୁ ପରାମର୍ଶ ଦେଇଛି ।

## ମହିଳା କ୍ରିକେଟ୍

ଏସିଆକପ୍ ମହିଳା ଟି-ଟ୍ୱେଣ୍ଟି ପ୍ରତିଯୋଗିତା ଆସନ୍ତାକାଲିଠାରୁ ଶ୍ରୀଲଙ୍କାର ଦାମ୍ବୁଲାଠାରେ ଆରମ୍ଭ ହେବ । ଏହି ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ରଣଗିରି ଦାମ୍ବୁଲା ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଖେଳାଯିବ । ପ୍ରଥମ ମ୍ୟାଚ୍ ଗ୍ରୁପ୍-ଏର ୟୁ.ଏ.ଇ. ଏବଂ ନେପାଳ ମଧ୍ୟରେ ଅନୁଷ୍ଠିତ ହେବ । ଏହା ପରେ ଗ୍ରୁପ୍-ଏରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଏହି ପ୍ରତିଯୋଗିତାରେ ହରମନପ୍ରୀତ କୌର ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି । ଗ୍ରୁପ୍-ଏରେ ଭାରତ, ପାକିସ୍ତାନ, ନେପାଳ ଏବଂ ୟୁ.ଏ.ଇ. ଥିବା ବେଳେ ଗ୍ରୁପ୍-ବିରେ ଶ୍ରୀଲଙ୍କା, ବଂଲାଦେଶ, ଥାଇଲାଣ୍ଡ ଏବଂ ମାଲେସିଆ ଅଛନ୍ତି । ପ୍ରତିଯୋଗିତାର ସେମିଫାଇନାଲ୍ ଆସନ୍ତା ୨୬ ତାରିଖରେ ଏବଂ ଫାଇନାଲ୍ ଜୁଲାଇ ୨୮ ତାରିଖରେ ଅନୁଷ୍ଠିତ ହେବ ।

## ମନସୁଖ ମାଣ୍ଡବ୍ୟ

ଖେଲୋ ଇଣ୍ଡିଆ ଉତ୍କୃଷ୍ଟ କ୍ରୀଡ଼ାବିତ୍ ଚିହ୍ନଟ କାର୍ଯ୍ୟକ୍ରମର କେ.ଆଇ.ଆର୍.ଟି.ଆଇ.ର ତୃତୀୟ ପର୍ଯ୍ୟାୟକୁ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ଯୁବ ବ୍ୟାପାର କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଉଦ୍‌ଘାଟନ କରିବେ । ଏ ସମ୍ପର୍କରେ ସୂଚନା ଦେଇ କ୍ରୀଡ଼ା ମନ୍ତ୍ରଣାଳୟ କହିଛି, ଆଧୁନିକ ଆଇ.ସି.ଟି. ଉପକରଣ ଏବଂ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ

ଆଧାରିତ କ୍ରୀଡ଼ା ଭିତ୍ତିଭୂମି  ଯୋଗାଇଦେବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଉଛି । ଗତ ମାର୍ଚ୍ଚ ୧୨ ତାରିଖରେ ଚଣ୍ଡିଗଡ଼ରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୭୦ଟି କେନ୍ଦ୍ରରେ ୩ଲକ୍ଷ ୬୨ ହଜାର ୬୮୩ ଜଣ କ୍ରୀଡ଼ାବିତ୍ ପଞ୍ଜିକୃତ ହୋଇଥିଲେ । ୧୧ଟି ଦୌଡ଼କୁଦ ବିଭାଗରେ ସେମାନଙ୍କର ଦକ୍ଷତା ପରୀକ୍ଷା କରାଯାଇଥିଲା ବୋଲି କ୍ରୀଡ଼ା ମନ୍ତ୍ରଣାଳୟ କହିଛି ।

## ପାରିସ୍ ଅଲିମ୍ପିକ୍

ପ୍ୟାରିସ୍ ଅଲିମ୍ପିକ୍‌ରେ ଖେଳିବାକୁ ଥିବା ଭାରତୀୟ ଟେନିସ୍ ଖେଳାଳି ସୁମିତ ନାଗଲ ସ୍ୱିଡେନ୍ ଓପନ୍‌ରେ ସିଧାସଳଖ ଦୁଇଟି ସେଟ୍‌ରେ ହାରିଯାଇ ଟୁର୍ଣ୍ଣାମେଣ୍ଟରୁ ବିଦାୟ  ନେଇଛନ୍ତି । ସେ ପୁରୁଷ ସିଙ୍ଗଲ୍ସ ରାଉଣ୍ଡ ସିକ୍ସଟିନ୍‌ରେ ଆର୍ଜେଣ୍ଟିନାର ମାରିଆନୋ ନାଭୋନେଙ୍କ ଠାରୁ ୬-୪ ଓ ୬-୨ ସେଟ୍‌ରେ ହାରିଯାଇଛନ୍ତି । ତେବେ ଗତ ମଙ୍ଗଳବାର ଦିନ ପ୍ରକାଶିତ ସର୍ବଶେଷ ଏ.ଟି.ପି. ର୍‍ୟାଙ୍କିଙ୍ଗ୍‌ରେ ସେ ୬୮ ନମ୍ବର ସ୍ଥାନରେ ରହିଛନ୍ତି ।

# ଆଇଏମ୍‌ଡି ମନ୍‌ସୁନ୍

ଭାରତୀୟ ପାଣିପାଗ ବିଭାଗ ଆସନ୍ତାକାଲି ଉପକୂଳ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି । ଏହି ସମୟରେ ଛତିଶଗଡ଼ କୋଙ୍କଣ ଏବଂ ଗୋଆ, କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ, ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକ ଏବଂ ଗୁଜରାଟର କେତେକ ସ୍ଥାନରେ ମଧ୍ୟ ପ୍ରବଳ ବର୍ଷା ହେବା ନେଇ ସୂଚନା ଦେଇଛି । ଆସନ୍ତା ୫ ଦିନ ମଧ୍ୟରେ ମଧ୍ୟମହାରାଷ୍ଟ୍ର, ଗୁଜରାଟ, ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକର କେତେକ ଅଞ୍ଚଳରେ ବର୍ଷା ହେବା ନେଇ ମଧ୍ୟ ପାଣିପାଗ ବିଭାଗ ସୂଚନା ଜାରି କରିଛି ।